# NATIONAL NEWS BULLETIN (ODIA)

## 29 May - 2025

## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ଦେଶର ଅନେକ ଭାଷା ଏବଂ ଉପଭାଷା ଭାରତୀୟତାର ଭାବନାକୁ ପ୍ରତିଫଳିତ କରୁଛି, କହିଲେ ରାଷ୍ଟ୍ରପତି ।
- ପାଟନାର ଜୟପ୍ରକାଶ ନାରାୟଣ ଆନ୍ତର୍ଜାତିକ ବିମାନ ବନ୍ଦରର ନୂତନ ଟର୍ମିନାଲ୍ ଅଟ୍ଟାଳିକାକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ।
- ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ କଲେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ।
- ଚଳିତ ଆର୍ଥିକ ବର୍ଷରେ ଭାରତ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୈତିକ ରାଷ୍ଟ୍ରର ମାନ୍ୟତା ବଜାୟ ରଖିବ, ଆର୍.ବି.ଆଇ.ର ସୂଚନା ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ଆରମ୍ଭ ହେବ ପ୍ରଥମ କ୍ୱାଲିଫାୟର୍ ମୁକାବିଲା ।

– ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଲା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ।

# ପ୍ରେଜ୍–ଲିଟେରାରୀ

ଦେଶରେ ରହିଥିବା ଅନେକ ଭାଷା ଏବଂ ଉପଭାଷା ଭାରତୀୟତାର ଭାବନାକୁ ପ୍ରତିଫଳିତ କରୁଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆଜି ସାହିତ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ରାଷ୍ଟ୍ରପତି କହିଛନ୍ତି, ଏହି ଦୁଇଦିନିଆ ଅଧିବେଶନରେ କବି ସମ୍ମିଳନୀ, ଭାରତର ନାରୀବାଦୀ ସାହିତ୍ୟ, ସାହିତ୍ୟରେ ପରିବର୍ତ୍ତନ – ପରିବର୍ତ୍ତନରେ ସାହିତ୍ୟ ଏବଂ ବିଶ୍ୱ ଦୃଷ୍ଟିକୋଣରୁ ଭାରତୀୟ ସାହିତ୍ୟର ନୂତନ ଦିଗ ନିର୍ଦ୍ଦେଶ ଆଦି ବିଭିନ୍ନ ପ୍ରସଙ୍ଗରେ ଅଧିବେଶନମାନ ଅନୁଷ୍ଠିତ ହେବ ।

**V/O- PRESIDENT-ON-SAHITYA-SAMMELAN**

ଏହି ଅବସରରେ ଦୁଇ ଦିନିଆ କାର୍ଯ୍ୟକ୍ରମ ଆୟୋଜନ ନେଇ ସଂସ୍କୃତି ମନ୍ତ୍ରଣାଳୟ ଏବଂ ସାହିତ୍ୟ ଏକାଡେମୀକୁ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି । ଆଜିର ଉଦ୍‌ଘାଟନୀ ସମାରୋହରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଉପସ୍ଥିତ ଥିଲେ ।

# ପିଏମ୍-ଭିଜିଟ୍ ବିହାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପାଟନାର ଜୟପ୍ରକାଶ ନାରାୟଣ ଆନ୍ତର୍ଜାତିକ ବିମାନ ବନ୍ଦରର ନୂତନ ଟର୍ମିନାଲ୍ ଅଟ୍ଟାଳିକାକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ବିହତା ବିମାନ ବନ୍ଦରର ନୂତନ ସିଭିଲ୍ ଏନ୍‌କ୍ଲେଭ୍‌ର ଶିଳାନ୍ୟାସ ମଧ୍ୟ କରିଛନ୍ତି । ୧ହଜାର ୪୧୦ କୋଟି ଟଙ୍କାରୁ ଅଧିକ ଏଥିପାଇଁ ବ୍ୟୟ ଅଟକଳ କରାଯାଇଛି । ପ୍ରାୟ ୧୨ଶହ କୋଟି ଟଙ୍କା ବ୍ୟୟରେ ନିର୍ମିତ ପାଟନା ବିମାନ ବନ୍ଦରର ନୂତନ ଟର୍ମିନାଲ୍ ଅଟ୍ଟାଳିକା ଦ୍ୱାରା ବାର୍ଷିକ ଯାତ୍ରୀ ପରିଚାଳନା ଅଧିକ ସୁ-ବ୍ୟବସ୍ଥିତ ହୋଇପାରିବ । ୬୫ ହଜାର ବର୍ଗ ମିଟରର ଅଧିକ ଅଞ୍ଚଳରେ ପୁନଃ ବିକଶିତ ଏହି ଅଟ୍ଟାଳିକା ଯାତ୍ରୀଙ୍କୁ ଆଧୁନିକ ସୁବିଧା ସୁଯୋଗ ପ୍ରଦାନ କରିପାରିବ । ଯାତ୍ରୀ ପରିବହନ କ୍ଷମତା ବର୍ଷକୁ ୧ କୋଟିକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଉଦ୍‌ଘାଟନ ପରେ ପ୍ରଧାନମନ୍ତ୍ରୀ ପାଟନା ଠାରେ ଏକ ରୋଡ୍ ଶୋ'ରେ ଅଂଶଗ୍ରହଣ କରିଥିଲେ । ୬ କିଲୋମିଟର ଦୀର୍ଘ ଏହି ରୋଡ୍ ଶୋ' ପାଟନା ବିମାନ ବନ୍ଦରରୁ ବୀରଚାନ୍ଦ ପଟେଲ ମାର୍ଗ ସ୍ଥିତ ବିଜେପି ରାଜ୍ୟ ମୁଖ୍ୟାଳୟ ଠାରେ ଶେଷ ହୋଇଥିଲା ।  ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ଆରିଫ ମହମ୍ମଦ ଖାଁ, ମୁଖ୍ୟମନ୍ତ୍ରୀ ନିତିଶ

କୁମାର, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ପ୍ରମୁଖ ଉପସ୍ଥିତ ଥିଲେ ।

ଏହା ପୂର୍ବରୁ ଆଜି ଅପରାହ୍ଣରେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗର ଆଲିପୁରଦ୍ୱାର୍ ଜିଲ୍ଲାର ଆଲିପୁର ପରେଡ୍ ଗ୍ରାଉଣ୍ଡ ଠାରେ ଏକ ଗ୍ୟାସ୍ ବଣ୍ଟନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ୧ ହଜାର ୧୭ କୋଟି ଟଙ୍କାର ଏହି ପ୍ରକଳ୍ପ ଦ୍ୱାରା ଆଲିପୁରଦ୍ୱାର୍ ଏବଂ କୁଚ୍‌ବିହାର ଜିଲ୍ଲାବାସୀ ଲାଭବାନ ହେବେ । ଭାରତୀୟ ଅର୍ଥନୀତି ଗ୍ୟାସ୍ ଆଧାରିତ ଅର୍ଥନୀତି ଆଡ଼କୁ ଅଗ୍ରଗତି କରୁଛି ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଥିଲେ । ଏଲ୍.ପି.ଜି. ଗ୍ୟାସ୍ ପାଇପ୍‌ଲାଇନ୍ ମାଧ୍ୟମରେ ରନ୍ଧନ ଗ୍ୟାସ୍ ସିଧାସଳଖ ଏହି ପ୍ରକଳ୍ପ ମାଧ୍ୟମରେ ବଣ୍ଟନ କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି । ପରିବେଶ ପ୍ରଦୂଷଣକୁ ହ୍ରାସ କରିବା ଦିଗରେ ଏହା ସହାୟକ ହେବ । ପ୍ରଧାନମନ୍ତ୍ରୀ କହିଛନ୍ତି,

**V/O-PM-MODI-ON-VIKSIT-BENGAL**

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତାକାଲି ବିହାରର ରୋହିତାସ ଜିଲ୍ଲାର ବିକ୍ରମଗଞ୍ଜ ଗସ୍ତରେ ଯାଇ ୪୮ ହଜାର ୫୨୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ସହ ଜନସମାବେଶକୁ ସମ୍ବୋଧନ କରିବେ ।

## ଭିପି-ପ୍ରୋବେସନର୍ସ୍

ଭାଷା କ୍ଷେତ୍ରରେ ଭାରତ ବିଶ୍ୱରେ ଅନନ୍ୟ ସ୍ଥାନ ହାସଲ କରିପାରିଛି ଏବଂ ଏହାର ଭାଷା ସାହିତ୍ୟ ଜ୍ଞାନର ଏକ ସୁନାଖଣି ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି । ନୂଆଦିଲ୍ଲୀରେ ଭାରତୀୟ ପରିସଂଖ୍ୟାନ ସେବା – ଆଇ.ଏସ୍.ଏସ୍. ପ୍ରଶିକ୍ଷାର୍ଥୀଙ୍କ ସହିତ ଆଲୋଚନା ସମୟରେ ଶ୍ରୀ ଧନଖଡ଼ ଏହା କହିଛନ୍ତି । ଜାତୀୟ ଶିକ୍ଷାନୀତି ମାତୃଭାଷାକୁ ପ୍ରାଧାନ୍ୟ ଦେଉଛି । ଡାକ୍ତରୀ ଏବଂ ଇଞ୍ଜିନିୟରିଂ ଭଳି ବୈଷୟିକ ବିଷୟ ଗୁଡ଼ିକ ସ୍ଥାନୀୟ ଭାଷାରେ ଶିକ୍ଷା ପ୍ରଦାନର ବ୍ୟବସ୍ଥା ହୋଇଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି । ଜନଗଣନାରେ ଜାତିଭିତ୍ତିକ ଗଣନାକୁ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ଶ୍ରୀ ଧନଖଡ଼ ଉଚ୍ଚ ପ୍ରଶଂସା କରିଛନ୍ତି । ଏହା ଏକ ସମୟୋପଯୋଗୀ ଏବଂ ପରିବର୍ତ୍ତନକାରୀ ପଦକ୍ଷେପ ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

## କୃଷି ସଙ୍କଳ୍ପ ଅଭିଯାନ

ଭାରତ’ ଦେଶର ଜନସାଧାରଣଙ୍କ ଖାଦ୍ୟର ଚାହିଦା ପୂରଣ କରିବା ସହ ସମଗ୍ର ବିଶ୍ୱକୁ ଖାଦ୍ୟ ଯୋଗାଇବାକୁ ଲକ୍ଷ୍ୟ ରଖିଛି ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । କେନ୍ଦ୍ର ସରକାରଙ୍କର ବିକଶିତ କୃଷି ସଂକଳ୍ପ ଅଭିଯାନକୁ ଆଜି ପୁରୀର ସାକ୍ଷୀଗୋପାଳଠାରେ

ଶୁଭାରମ୍ଭ କରି ଶ୍ରୀ ଚୌହ୍ୱାନ କହିଛନ୍ତି, ଚଳିତ ବର୍ଷ ଦେଶରେ ୩ ହଜାର ୫୩୯ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି, ଯାହା ପୂର୍ବବର୍ଷ ତୁଳନାରେ ୨୧୬ ଲକ୍ଷ ଟନ୍‌ରୁ ଊର୍ଦ୍ଧ୍ୱ । ଭଲ ଉତ୍ପାଦନପାଇଁ ଉତ୍ତମ କିସମର ବିହନର ଆବଶ୍ୟକତା ରହିଛି । ଏନେଇ ଆଇ.ସି.ଏ.ଆର୍. ବୈଜ୍ଞାନିକଙ୍କ ନିରନ୍ତର ଉଦ୍ୟମକୁ ଶ୍ରୀ ଚୌହାନ୍ ପ୍ରଶଂସା କରିଛନ୍ତି । ଏହି ଅବସରରେ ଶ୍ରୀ ଚୌହାନ କୃଷକଙ୍କୁ କୃଷି ବୈଜ୍ଞାନିକମାନଙ୍କ ସହ ସିଧାସଳଖ ଆଲୋଚନାରେ ଭାଗ ନେବା ପାଇଁ ଆହ୍ୱାନ ଦେଇଛନ୍ତି।

ଏହି ଅଭିଯାନ ମାଧ୍ୟମରେ ଦେଶର ୭ ଶହଟି ଜିଲ୍ଲାର ପ୍ରାୟ ୧ କୋଟି ୫୦ ଲକ୍ଷ ଚାଷୀଙ୍କ ନିକଟରେ ସରକାର ପହଞ୍ଚିବାର ଯୋଜନା ରଖିଛନ୍ତି ।

## ଆର୍‌ବିଆଇ-ଇକୋନମି ରିପୋର୍ଟ୍

ଚଳିତ ଆର୍ଥିକ ବର୍ଷରେ ଭାରତ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୈତିକ ରାଷ୍ଟ୍ରର ମାନ୍ୟତା ବଜାୟ ରଖିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଆର୍.ବି.ଆଇ. କହିଛି । ଘରୋଇ କ୍ଷେତ୍ରର ଅଭିବୃଦ୍ଧି, ବ୍ୟାଙ୍କ୍ ଏବଂ କର୍ପୋରେଟ୍ କ୍ଷେତ୍ରର ଆର୍ଥିକ ପରିଚାଳନା ଓ ନିରନ୍ତର ସାର୍ବଜନୀନ ପୁଞ୍ଜି ଖର୍ଚ୍ଚ ଦ୍ୱାରା ଏହି ସୁଫଳ ମିଳିବ ବୋଲି ଆର୍.ବି.ଆଇ. ଆଜି ପ୍ରକାଶିତ ବାର୍ଷିକ ରିପୋର୍ଟରେ ଉଲ୍ଲେଖ କରିଛି । ଭଲ ମୌସୁମୀ, ସାମଗ୍ରୀ ମୂଲ୍ୟର

ହ୍ରାସ ଏବଂ ଉନ୍ନତ ଯୋଗାଣ ଶୃଙ୍ଖଳ ମୁଦ୍ରାସ୍ଫିତି ହ୍ରାସ କରିବାରେ ସହାୟକ ହେବ ବୋଲି ଆର୍.ବି.ଆଇ. ଆଶାବ୍ୟକ୍ତ କରିଛି । ବିଶ୍ୱସ୍ତରରେ ରପ୍ତାନୀ କ୍ଷେତ୍ର ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାର ସମ୍ଭାବନା ଥିଲେ ମଧ୍ୟ ଭାରତର ବାଣିଜ୍ୟ ଚୁକ୍ତି ଏହାକୁ ପ୍ରତିହତ କରିବାରେ ସହାୟକ ହେବ ବୋଲି ଆର୍.ବି.ଆଇ. କହିଛି । ଉତ୍ପାଦନ ଏବଂ ନିର୍ମାଣ କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟ ନେଇ ନିୟମାବଳୀକୁ ସରଳ କରିବା ଏବଂ ସାଇବର ସୁରକ୍ଷାକୁ ଅଧିକ ସୁଦୃଢ଼ କରିବାକୁ ଆର୍.ବି.ଆଇ. ଯୋଜନା ପ୍ରସ୍ତୁତ କରୁଥିବା ଏହି ରିପୋର୍ଟ୍‌ରେ ଉଲ୍ଲେଖ କରାଯାଇଛି ।

## ଇସିଆଇ-ଟ୍ରେନିଂ

ଭାରତୀୟ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ଆଜି ଅଷ୍ଟମ ପର୍ଯ୍ୟାୟ ତାଲିମ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ନୂଆଦିଲ୍ଲୀ ଠାରେ ଚାଲିଥିବା ଏହି ତାଲିମ୍ କାର୍ଯ୍ୟକ୍ରମରେ ଚାରୋଟି ରାଜ୍ୟର ୩୭୩ ଜଣ ତୃଣମୂଳ ସ୍ତରୀୟ ନିର୍ବାଚନ କର୍ମକର୍ତ୍ତା ଯୋଗଦେଇଛନ୍ତି । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର କାର୍ଯ୍ୟକ୍ରମକୁ ସମ୍ବୋଧନ କରି କହିଛନ୍ତି, ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଏବଂ ଆଇନ୍ ଅନୁଯାୟୀ କଡ଼ାକଡ଼ି ଭାବେ ପରିଚାଳନା କରିବାରେ ଏହି ତାଲିମ୍ ବ୍ୟବସ୍ଥା ଫଳପ୍ରଦ ସାବ୍ୟସ୍ତ ହେବ । ଚୂଡ଼ାନ୍ତ

ଭୋଟର ତାଲିକା ପ୍ରସ୍ତୁତି ସହ ଅନ୍ୟାନ୍ୟ ପଦକ୍ଷେପ ଗୁଡ଼ିକ ସଂକ୍ରାନ୍ତରେ ଅଂଶଗ୍ରହଣକାରୀ ଅବଗତ ହୋଇପାରିବେ ବୋଲି ଶ୍ରୀ କୁମାର କହିଛନ୍ତି ।

## ନ୍ୟୁଜିଲାଣ୍ଡ-ଏଫ୍ଏମ୍ ଭିଜିଟ୍

ନ୍ୟୁଜିଲାଣ୍ଡର ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ୱିନ୍‌ଷ୍ଟନ୍ ପିଟର୍ସ୍ ଭାରତକୁ ଦୁଇ ଦିନିଆ ସରକାରୀ ଗସ୍ତରେ ଆସି ନୂଆଦିଲ୍ଲୀ ଠାରେ ପହଞ୍ଚିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ତାଙ୍କୁ ସ୍ୱାଗତ କରି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଏହି ଗସ୍ତ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନାକୁ ଗତି ପ୍ରଦାନ କରିବ । ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସମ୍ପର୍କକୁ ଅଧିକ ଦୃଢ଼ୀଭୂତ କରିବ ବୋଲଇ ସେ କହିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ପିଟର୍ସ୍’ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ସହ ସାକ୍ଷାତ ଆଲୋଚନା କରିବେ ବୋଲି ଶ୍ରୀ ଜୟସ୍ୱାଲ୍ ସୂଚନା ଦେଇଛନ୍ତି ।

# ଏମ୍‌ଇଏ-ବ୍ରିଫିଂ

ପାକିସ୍ତାନ ସହିତ ସମ୍ପର୍କ ନେଇ ଭାରତ ନିଜର ଦୃଷ୍ଟିକୋଣ ସ୍ପଷ୍ଟ କରିଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ୍ କହିଛନ୍ତି । ନୂଆଦିଲ୍ଲୀ ଠାରେ ଆଜି ଅପରାହ୍ଣରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଜୟସ୍ୱାଲ କହିଛନ୍ତି, ଆତଙ୍କବାଦ ଏବଂ ଆଲୋଚନା ଏକାଠି ଚାଲିପାରିବ ନାହିଁ । ଭାରତ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଆଧାରରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ପାକିସ୍ତାନ ହସ୍ତାନ୍ତର କରିବା ଉଚିତ୍ ବୋଲି ସେ କହିଛନ୍ତି । ପାକ୍ ଅଧିକୃତ କାଶ୍ମୀରକୁ ଭାରତକୁ ହସ୍ତାନ୍ତର କରିବା ନେଇ କେବଳ ଆଲୋଚନା ହେବ ବୋଲି ଶ୍ରୀ ଜୟସ୍ୱାଲ ସ୍ପଷ୍ଟ କରିଛନ୍ତି । ସିନ୍ଧୁ ଜଳଚୁକ୍ତିନାମା ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି, ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହନ ପ୍ରଦାନ କରୁଥିବା ପର୍ଯ୍ୟନ୍ତ ଏହି ଚୁକ୍ତିନାମାକୁ ପୁନଃ ପ୍ରବର୍ତ୍ତନ କରାଯାଇପାରିବ ନାହିଁ ।

**V/O- RAJDHIR-JAISAWAL-ON-INDUS-WATER**

ଇରାନ୍‌ରେ ନିଖୋଜ ଥିବା ତିନି ଭାରତୀୟ ନାଗରୀକଙ୍କ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ଇରାନ୍ କର୍ତ୍ତୃପକ୍ଷଙ୍କ ସହ ସେହି ତିନି ଜଣ ଭାରତୀୟଙ୍କ ସମ୍ପର୍କରେ ଯୋଗାଯୋଗ କରାଯାଇଛି ।

ଇରାନ୍ ପକ୍ଷରୁ ସକାରାତ୍ମକ ସହଯୋଗ ମିଳିଛି ଏବଂ ନିଖୋଜ ବ୍ୟକ୍ତିଙ୍କ ପରିବାର ବର୍ଗଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ପ୍ରଦାନ କରାଯାଉଛି ।

ବାଂଲାଦେଶ ବିକାଶ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ଜୟସ୍ୱାଲ କହିଛନ୍ତି, ଭାରତ ବାଂଲାଦେଶ ସହିତ ସକାରାତ୍ମକ ଏବଂ ଗଠନ ମୂଳକ ସମ୍ପର୍କ ସୁଦୃଢ଼ କରିବାକୁ ଚାହୁଁଛି । ତେବେ ବାଂଲାଦେଶକୁ ଯଥାଶୀଘ୍ର ନିରପେକ୍ଷ ଏବଂ ମୁକ୍ତ ନିର୍ବାଚନ ଦ୍ୱାରା ଲୋକଙ୍କ ଜନାଦେଶକୁ ନିଶ୍ଚିତ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି । ବିଦେଶରେ ଥିବା ଭାରତୀୟ ଛାତ୍ରଛାତ୍ରୀଙ୍କ କଲ୍ୟାଣକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି । ଭିସା ପ୍ରଦାନ ନେଇ ଆବେଦନକୁ ଯୋଗ୍ୟତା ଆଧାରରେ ବିଚାର କରାଯିବ ବୋଲି ଶ୍ରୀ ଜୟସ୍ୱାଲ ସୂଚନା ଦେଇଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟର ପ୍ରଥମ କ୍ୱାଲିଫାୟର୍ ମ୍ୟାଚ୍ ଆଉ କିଛି ସମୟ ପରେ ଆରମ୍ଭ ହେବ । ଚଣ୍ଡିଗଡ଼ ଠାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ଏହି ମ୍ୟାଚ୍ ଖେଳାଯିବ । ବେଙ୍ଗାଲୁରୁ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ଏହି ମ୍ୟାଚ୍‌ର ବିଜେତା ସିଧାସଳଖ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହେବ । ତେବେ ପରାଜିତ ଦଳ ଦ୍ୱିତୀୟ କ୍ୱାଲିଫାୟର୍ ମ୍ୟାଚ୍‌ରେ ଆସନ୍ତା ରବିବାର ଦିନ ଏଲିମିନେଟର

ପର୍ଯ୍ୟାୟ ବିଜେତାଙ୍କୁ ଭେଟିବ । ଆସନ୍ତାକାଲି ଏଲିମିନେଟର୍ ପର୍ଯ୍ୟାୟ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବେ ।